ଗଣମାଧ୍ୟମ ଓ ବିକାଶ

ମନୋଜ ବାରିକ

ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ ହେଉଛି ଗଣମାଧ୍ୟମ । ଗଣମାଧ୍ୟମର ଆକାର ଓ ପ୍ରକାର ଯୁଗ ପରେ ଯୁଗ, ସମୟ ପରେ ସମୟ ମଧ୍ୟରେ ପରିପ୍ରକାଶ ହୋଇଛି । ଗଣମାଧ୍ୟମର ଯୁଗ ଏବେକାର ନୁହେଁ ବରଂ ଆଦିମ ଯୁଗରୁ ଆରମ୍ଭ ହୋଇଛି । ଯେତେବେଳେ ସୃଷ୍ଟି ଆରମ୍ଭ ହେଲା, ସେତେବେଳେ ମଧ୍ୟ ଗଣମାଧ୍ୟମର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା । ପୁରାଣ ଯୁଗରେ ଦେବର୍ଷି ନାରଦ ସମ୍ବାଦଦାତାର ଭୂମିକା ତୁଲାଉଥିଲେ । ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ, ଗୋଟିଏ ମୁହଁରୁ ଆଉ ଗୋଟିଏ ମୁହଁକୁ ଖବର ଦେବର୍ଷି ନାରଦ ହିଁ ଖବର ପରିବେଷଣ କରୁଥିଲେ । ପରବର୍ତ୍ତୀ ସମୟରେ ଏହା ସୃଷ୍ଟିର ମାନବ ସମାଜ ମଧ୍ୟରେ ପ୍ରଚଳିତ ହେଲା । ମଣିଷ ସଭ୍ୟତା ଯେତେବେଳେ ଆରମ୍ଭ ହେଲା ସେ ମଧ୍ୟ ସମ୍ବାଦ ପରିବେଷଣକୁ ବିଶେଷ ଗୁରୁତ୍ୱ ଦେବା ଆରମ୍ଭ କଲା । ସମ୍ବାଦ ବା ଯୋଗାଯୋଗ ବିନା କୌଣସି କାମ କରିବା କିମ୍ବା ତଥ୍ୟ ହାସଲ କରିବା ଅସମ୍ଭବ ହୋଇପଡ଼ିଲା । ତେବେ ଖବର ପଠାଇବା ବା ଖବର ସଂଗ୍ରହ କରିବାର ପଦ୍ଧତିର ପ୍ରଣାଳୀରେ ଧୀରେ ଧୀରେ କ୍ରମବିକାଶ ହୋଇଛି । ରାଜା ରାଜୁଡ଼ା ସମୟରେ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଖବର ପଠାଇବାର ମାଧ୍ୟମ ଥିଲା ଘୋଡ଼ା, ପାରା ଏବଂ ଦୂତ । ରାଜାମାନେ ନିଜର ଦୂତ ସାହାଯ୍ୟରେ ତାଳପତ୍ରରେ କୌଣସି ବାର୍ତ୍ତା ଲେଖି ଅନ୍ୟ ରାଜ୍ୟକୁ ପଠାଉଥିଲେ । ତେବେ ତାହା ସମୟ ସାପେକ୍ଷ ଥିଲା । ଏପରିକି ଦୁଇ ବା ତିନି ଦିନ ଲାଗିଯାଉଥିଲା । ପୁଣି ତାହାର ବିକଳ୍ପ ଭାବେ ପାରାକୁ ବ୍ୟବହାର କରାଗଲା । ପାରାର ବ୍ୟବହାର ଦ୍ୱାରା ସମ୍ବାଦ ପାଇବା ଟିକିଏ ସହଜ ହେଲା ଏବଂ ଅନ୍ୟ ବିପଦଠାରୁ ମଧ୍ୟ ସୁରକ୍ଷିତ ଭାବରେ ସମ୍ବାଦ ପହଞ୍ଚି ପାରିଲା, ତେବେ ମଣିଷ ସମାଜ ଏହାକୁ ଉନ୍ନତ କରିବା ପାଇଁ ଆହୁରି ନିଜର ବୁଦ୍ଧି, ଜ୍ଞାନର ପ୍ରୟୋଗ କଲା ଏବଂ ସେଥିରେ ମଧ୍ୟ ସଫଳ ହେଲା । ଧୀରେ ଧୀରେ ସମ୍ବାଦ ପାଇବା ପାଇଁ ମଣିଷ ମନରେ ଯେତେ ବ୍ୟାକୁଳତା ବଢ଼ିଲା, ତାହାର ବିକାଶ ଦିଗରେ ମଧ୍ୟ ସେତିକି ଦୃଷ୍ଟି ଦିଆଗଲା । ପ୍ରାଥମିକ ସ୍ତରରେ କୌଣସି ଏକ ଅଞ୍ଚଳର ଖବରକୁ ଏକାଠି କରି/ସଂଗ୍ରହ କରି ସୀସା କାଳିରେ ତାହାକୁ ଲେଖାଯାଇ ବଣ୍ଟନ କରାଗଲା । ଏହା ବହୁତ କଷ୍ଟଦାୟକ ଥିବାବେଳେ ସବୁବେଳେ ମଧ୍ୟ ସମ୍ଭବ ନ ଥିଲା । ପ୍ରାକ୍ ୧୯୩୬ ମସିହାରେ ବହୁ ବାଧାବିଘ୍ନ ଓ କଷ୍ଟ ସହ୍ୟ କରି ଜାତିପ୍ରେମୀମାନେ ପତ୍ରପତ୍ରିକା ଓ ଖବରକାଗଜ ଆଦିର ବିକାଶ କରିଥିଲେ । ତେବେ ଏଥିରେ ଭୂମିକା ଥିଲା ପତ୍ରପତ୍ରିକାର ଲଗାତାର ପ୍ରକାଶନ ଏବଂ ସେଥିରେ ଜାତୀୟତାର ବାର୍ତ୍ତାକୁ ଗୁରୁତ୍ୱ ଦେବା । ଏହାଦ୍ୱାରା ଓଡ଼ିଆ ଜାତି ନିଜକୁ ବେଶ୍ ପ୍ରତିଷ୍ଠା କରିପାରିଲା । ଶତାବ୍ଦୀ ଶତାବ୍ଦୀ ଧରି ନିଜର କଥାକୁ, ନିଜର ଭାଷାକୁ ନିଜର ପତ୍ରିକା, କାଗଜ ଓ ହାତଲେଖା ଦେଖି ଅତି ଆନନ୍ଦିତ ହୋଇଉଠିଲା । ୧୮୩୦ ମସିହାରୁ ହିଁ ଓଡ଼ିଆ ଭାଷାଭାଷୀ ଲୋକଙ୍କ କଥା କହିବାକୁ ଉଦ୍ୟମ ଆରମ୍ଭ କରାଗଲା । ତେବେ ଏଠାରେ କହିବାକୁ ଗଲେ ୧୯୮୦ ପରଠାରୁ ଆମ ଓଡ଼ିଶାରେ ଗଣମାଧ୍ୟମର ବିକାଶ ଅତି ମାତ୍ରାରେ ବଢ଼ିଚାଲିଲା । ମୁଦ୍ରଣ ଶିଳ୍ପର ବିକାଶ, ବିଶେଷ କରି ୯୦ ଦଶକର ଶେଷ ଆଡ଼କୁ କମ୍ପ୍ୟୁଟର ପ୍ରିଣ୍ଟିଂର କ୍ରମାଗତ ପ୍ରସାର ଯୋଗୁଁ ପତ୍ରପତ୍ରିକାଗୁଡ଼ିକ ବିନା ଦ୍ୱିଧାରେ ପ୍ରକାଶିତ ହୋଇପାରିଛି । ଧୀରେ ଧୀରେ ପ୍ରିଣ୍ଟିଂ ମାଧ୍ୟମରୁ ଗଣମାଧ୍ୟମ ବିକଶିତ ହେଲା ବୈଦ୍ୟୁତିକ ମାଧ୍ୟମକୁ । ସବୁ ସ୍ଥାନରେ ଖବରକାଗଜ ପହଞ୍ଚାଇବା ଏବଂ ସେଠାରୁ ଖବର ସଂଗ୍ରହ କରିବା ଗୋଟିଏ ସମୟରେ ଦୁରୁହ ବ୍ୟାପାର ଥିଲା ।

ତେବେ ଏହାର ଅତି ସହଜ ରାସ୍ତା ମଧ୍ୟ ତିଆରି କରାଗଲା । କୌଣସି ଅଞ୍ଚଳର ଯୋଗାଯୋଗର ବ୍ୟବସ୍ଥା ଯେତେ ସମୃଦ୍ଧ ସେ ଅଞ୍ଚଳର ଉନ୍ନତି ମଧ୍ୟ ସେତିକି ସମୃଦ୍ଧ । ତେଣୁ ଯେତେବେଳେ ରାଜ୍ୟର ସମସ୍ତ ଅଞ୍ଚଳ ଉନ୍ନତି ପଥରେ ଆଗେଇଲା ସେତିକିବେଳେ ଗଣମାଧ୍ୟମ ମଧ୍ୟ ସେତେ ଆଗେଇବା ଆରମ୍ଭ କଲା । ଆଜି ଓଡ଼ିଶା ରାଜ୍ୟରେ ଖବରକାଗଜ ସଂଖ୍ୟା ବଢ଼ିବାରେ ଲାଗିଛି । ପତ୍ରପତ୍ରିକାର ସଂଖ୍ୟା ଏବଂ ବୈଦ୍ୟୁତିକ ଗଣମାଧ୍ୟମର ସଂଖ୍ୟା ମଧ୍ୟ ଆଶାଜନକ ଭାବେ ବଢ଼ିବାରେ ଲାଗିଛି । ଗଣମାଧ୍ୟମ ଆଜି ଏକ ମୁଖ୍ୟ ପ୍ରସଙ୍ଗ ଭାବରେ ସମସ୍ତଙ୍କ ପାଖରେ ଉଭା ହୋଇଛି । ସରକାରୀ ସ୍ତରରେ ଯେତିକି ପଦକ୍ଷେପ ନିଆଯାଇଛି, ବେସରକାରୀ ସ୍ତରରେ ମଧ୍ୟ ସେତିକି ପଦକ୍ଷେପ ନିଆଚାଲିଛି ଏକ ସୁସ୍ଥ ଖବର ପରିବେଷଣ ପାଇଁ । ଦେଶ ହେଉ ବା ରାଜ୍ୟ ହେଉ ସବୁକ୍ଷେତ୍ରରେ ବିକାଶ ପାଇଁ ଗଣମାଧ୍ୟମ ହିଁ ମୁଖ୍ୟ ଅସ୍ତ୍ର । ଆଜି ସମଗ୍ର ବିଶ୍ୱରେ ଏପରି କିଛି ଘଟଣା ନାହିଁ ଯେଉଁଥିରେ ଗଣମାଧ୍ୟମର ଭୂମିକା ନ ଥିବ । ଘରର ଚୁଲୀଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ସବୁର ଟିକ୍‌ନିଖ୍ ଖବରକୁ ସଠିକ୍ ଭାବରେ ପହଞ୍ଚାଇବାର ଦାୟିତ୍ୱ ଆଜି ଗଣମାଧ୍ୟମ ହିଁ ନେଇଛି । ତେବେ ଶେଷରେ ଏତିକି କୁହାଯାଇପାରେ, ବିକାଶ କ୍ଷେତ୍ରରେ ପ୍ରମୁଖ ଭୂମିକା ଗଣମାଧ୍ୟମ ହିଁ ନେଇପାରିବ ।

ଭୁବନେଶ୍ୱର

❖ ❖ ❖